# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**1 June – 2026**

**********************************

## ମୁଖ୍ୟ ସମ୍ବାଦ

- ଜୈବିକ କୃଷିକୁ ପ୍ରୋତ୍ସାହନ ପ୍ରଦାନ ଲକ୍ଷ୍ୟରେ ଦେଶବ୍ୟାପୀ ଆଜିଠାରୁ ଆରମ୍ଭ ହୋଇଛି କ୍ଷେତ ବଚାଓ ଅଭିଯାନ
- ଓଡ଼ିଶାର ଗୋଟିଏ ରାଜ୍ୟସଭା ଆସନରେ ଉପନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି
- ଜେ.ଇ.ଇ ଆଡଭାନ୍ସ-୨୦୨୬ର ଫଳାଫଳ ପ୍ରକାଶ; କୃତୀ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଏବଂ

- 'ମହିଳା ଦୁଗ୍ଧ ଚାଷୀଙ୍କୁ ସମ୍ମାନ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଦୁଗ୍ଧ ଦିବସ

Desk

# କ୍ଷେତ ବଚାଓ ଅଭିଯାନ

ଦେଶବ୍ୟାପୀ ଆଜିଠାରୁ 'କ୍ଷେତ ବଚାଓ ଅଭିଯାନ' ଆରମ୍ଭ ହୋଇଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ମଧ୍ୟପ୍ରଦେଶର ରାୟସେନ ଜିଲ୍ଲାରେ ଅଭିଯାନର ଶୁଭାରମ୍ଭ କରି କହିଛନ୍ତି, ଧରିତ୍ରୀ ମାତାର ସୁରକ୍ଷା ପାଇଁ ଚାଷ କାର୍ଯ୍ୟରେ ସନ୍ତୁଳିତ ସାର ପ୍ରୟୋଗ କରିବାକୁ ପଡ଼ିବ। ଚାଷ ଜମିରେ ରାସାୟନିକ ସାରର କମ୍ ବ୍ୟବହାର, ଜୈବିକ କୃଷି ଏବଂ କୃଷକଙ୍କୁ ସମୟୋପଯୋଗୀ ସୂଚନା ପ୍ରଦାନ ମାଧ୍ୟମରେ  ପଞ୍ଚାୟତ ସ୍ତରରେ ଜନ ଭାଗିଦାରିତାକୁ ସଶକ୍ତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ।

HS

# ରାଜ୍ୟସଭା ନିର୍ବାଚନ

ଓଡ଼ିଶା ସମେତ ମହାରାଷ୍ଟ୍ର ଓ ତାମିଲନାଡୁ ରାଜ୍ୟରେ ଖାଲିପଡ଼ିଥିବା ଗୋଟିଏ ଲେଖାଏଁ ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ନିମନ୍ତେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ପରେ ଓଡ଼ିଶାର ଗୋଟିଏ ଆସନ ଖାଲି ପଡ଼ିଛି । ରାଜ୍ୟସଭା ଉପନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଫିସରଭାବେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କୁ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ଭାରତର ନିର୍ବାଚନ ଆୟୋଗ ନିଯୁକ୍ତି ପ୍ରଦାନ କରିଛନ୍ତି। ଆସନ୍ତା ୮ ତାରିଖକୁ

ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୧୧ ତାରିଖ ଦିନ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ସମୟ ଧାର୍ଯ୍ୟ କରାଯାଇଛି। ୧୮ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇ ଫଳାଫଳ ପ୍ରକାଶ ପାଇବ।

Desk

# ପିଏମ୍-ସ୍ୱନିଧି

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ପି.ଏମ୍. ସ୍ୱନିଧି ଯୋଜନାକୁ ଆଜି ୬ ବର୍ଷ ପୂରଣ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପିଏ.ଏମ୍. ସ୍ୱନିଧି ଯୋଜନା ଦେଶର ଅସଂଖ୍ୟ ଉଠାଦୋକାନୀମାନଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ଯୋଜନା ସମ୍ମାନ, ବିଶ୍ୱାସ ଏବଂ ସଶକ୍ତିକରଣ ଉପରେ ଆଧାରିତ । ଶ୍ରୀ ମୋଦୀ ପିଏମ୍ ସ୍ୱନିଧି ଯୋଜନାର ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା କ୍ଷେତ୍ରରେ ସେମାନଙ୍କ ଲକ୍ଷ୍ୟ ଓ ବ୍ୟବସାୟୀକ ମନୋବୃତ୍ତି ସଫଳତା ଅର୍ଜନ କରିଛି ।

BBSR/R

# ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ପୁରାତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜନସାଧାରଣଙ୍କ ବିଭିନ୍ନ

ଅଭିଯୋଗର ଶୁଣାଣି କରିଛନ୍ତି। ମାମଲାର ତ୍ୱରିତ ସମାଧାନ ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଭିନ୍ନ ବିଭାଗର ମନ୍ତ୍ରୀ, ବିଭାଗୀୟ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

BHK/Nabarangpur/Baragarh/Rayagada

## ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ୧୮ଟି ଅଭିଯୋଗର ଶୁଣାଣି କରିଛନ୍ତି। ଏଥିସହିତ ୫ ଜଣଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୭୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ମୋଟ୍ ୧୫୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୦ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମାଧାନ କରାଯାଇଥିଲା।

ନବରଙ୍ଗପୁରଠାରେ ଆୟୋଜିତ ଶିବିରରେ ମୋଟ୍ ୨୮ଟି ଅଭିଯୋଗର ଶୁଣାଣି କରାଯାଇଛି ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବରୋଳି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ୧୪୧ଟି ଅଭିଯୋଗର ସମାଧାନ କରାଯାଇଥିଲା ।

BBSR/R

## ସଡ଼କ ଭିତ୍ତିଭୂମି ସମୀକ୍ଷା

ରାଜ୍ୟରେ ଦୃଢ଼ ଭିତ୍ତିଭୂମିର ବିକାଶ ସରକାରଙ୍କ ପ୍ରାଥମିକତା ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟରେ ନିର୍ମାଣଧୀନ ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା କରିଛନ୍ତି । ସମୟସୀମା ମଧ୍ୟରେ ସମସ୍ତ ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

Desk

## ଜେଇଇ ଆଡଭାନ୍ସ

ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେ.ଇ.ଇ ଆଡଭାନ୍ସ-୨୦୨୬ର ଫଳାଫଳ ଆଜି ପ୍ରକାଶ ପାଇଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ଆଇ.ଆଇ.ଟି ରୁର୍କି ଫଳାଫଳ ଘୋଷଣା କରିଛି । ଚଳିତ ବର୍ଷ ୫୬ ହଜାର ୮୮୦ ଜଣ ପରୀକ୍ଷାର୍ଥୀ ଏଥିରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଜେ.ଇ.ଇ ଆଡଭାନ୍ସ ପାଇଁ ୧ ଲକ୍ଷ ୮୭ ହଜାର ୩୮୯ ଜଣ ଛାତ୍ରଛାତ୍ରୀ ପଞ୍ଜୀକୃତ କରିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତକାର୍ଯ୍ୟ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଏହା ସେମାନଙ୍କ ସଫଳତା, କଠିନ ପରିଶ୍ରମ, ନିଷ୍ଠା ଓ ଅଦମ୍ୟ ଇଚ୍ଛାଶକ୍ତିର ପରିଚୟ। ଦେଶର ଉନ୍ନତିରେ ଛାତ୍ରଛାତ୍ରୀମାନେ ନିଜକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

Desk

## ବ୍ରିକ୍ସ ସମ୍ମିଳନୀ

ବିପର୍ଯ୍ୟୟ ପରିଚାଳନାକୁ ନେଇ ପୁରୀରେ ବ୍ରିକ୍ସ ରାଷ୍ଟ୍ର ସମୂହର ଦ୍ୱିତୀୟ ବୈଷୟିକ ବୈଠକ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ। ବୈଠକରେ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ବ୍ରାଜିଲ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ଦକ୍ଷିଣ ଆଫ୍ରିକା ଆଦି ଦେଶର ପ୍ରତିନିଧିଗଣ ସମ୍ମିଳନୀରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନୀ ସମାବେଶରେ ଯୋଗଦେବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସମ୍ମିଳନୀ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ।

Desk

## ବିଶ୍ୱ ଦୁଗ୍ଧ ଦିବସ

ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଜୀବିକା ଏବଂ ଉନ୍ନତ ଜୀବନଶୈଳୀରେ ଦୁଗ୍ଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଦୁଗ୍ଧ ଦିବସ ପାଳନ କରାଯାଉଛି । ୨୦୦୧ ମସିହାରୁ ପ୍ରତ୍ୟେକ ବର୍ଷ ଜୁନ୍ ପହିଲାରେ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି, "ମହିଳା ଦୁଗ୍ଧ ଚାଷୀଙ୍କୁ ସମ୍ମାନ" ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ବିକଶିତ ଭାରତରେ ବିକଶିତ ଓଡ଼ିଶା ଗଠନ ପାଇଁ ୨୦୩୬ ମସିହା ସୁଦ୍ଧା ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇଗୁଣରୁ ଊର୍ଦ୍ଧ୍ୱ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ଲକ୍ଷ୍ୟ ହାସଲ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଗତ ଦୁଇ ବର୍ଷ ମଧ୍ୟରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଗୋପାଳକଙ୍କୁ ୩୨୬ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗୋପାଳନକୁ ପ୍ରୋତ୍ସାହିତ କରିବା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଦିଗରେ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଏକ ସୁସ୍ଥ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

Desk

## ଯୋଗ ଦିବସ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଜ୍ୟସ୍ତରୀୟ ଯୋଗ ଶିବିର

ଅନୁଷ୍ଠିତ ହେବ। ଯୋଗ ମହୋତ୍ସବ ସମିତି ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜି ଏ ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତର୍ଜାତୀୟ ଯୋଗ ଦିବସରେ ଉପସ୍ଥିତ ରହିବା ସହ ସମସ୍ତ ଜିଲ୍ଲା ଓ ବ୍ଲକ ମୁଖ୍ୟାଳୟ ଏବଂ ପଞ୍ଚାୟତ ସମିତି ସ୍ତରରେ ଯୋଗ ଦିବସ ପାଳନ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଛି। ଅନ୍ତର୍ଜାତୀୟ ଯୋଗଦିବସକୁ ଜନ ଆନ୍ଦୋଳନରେ ପରିଣତ କରାଯିବା ସହ ଅଧିକରୁ ଅଧିକ ଲୋକଙ୍କୁ ଯୋଗ ସହ ଯୋଡ଼ାଯିବା ପାଇଁ ବୈଠକରେ ଆଲୋଚନା ହୋଇଛି।

Rayagada

## କାର୍ଗୋ ଟର୍ମିନାଲ

ପୂର୍ବତଟ ରେଳପଥ ଅଧୀନରେ ନୂତନ ରାୟଗଡ଼ା ରେଳମଣ୍ଡଳ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି । ରାୟଗଡ଼ା ଡିଭିଜନ ଅଧୀନରେ ୬୯୬ କିଲୋମିଟର ରେଳପଥ ରହିଛି। ନୂଆ ରାୟଗଡା ରେଳମଣ୍ଡଳ ଅଧୀନରେ କୋରାପୁଟ, ସିଙ୍ଗାପୁର ରୋଡ, କିରନ୍ଦୁର, ଗୁଣୁପୁର, ପାରଳା ସମେତ ଦକ୍ଷିଣ ଓଡ଼ିଶାର ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନକୁ ସାମିଲ କରାଯାଇଛି। ପ୍ରାୟ ୨୦ ହଜାର କୋଟି ଟଙ୍କା ବିନିମୟରେ ନୂତନ କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ ହେବ। ନୂତନ ଡିଭିଜନରେ ପ୍ରାୟ ୬୦୦ରୁ ଅଧିକ ଅଧିକାରୀ ଓ ରେଳ କର୍ମଚାରୀ କାର୍ଯ୍ୟ କରିବେ। ଅବ୍ୟବହୃତ ମାଲ୍ ପରିବହନ ସମ୍ଭାବନାର ଉପଯୁକ୍ତ ବ୍ୟବହାର ହେବା ସହ କିରଣ୍ଡୁଳ–

ବଚେଲ ଖଣି କ୍ଷେତ୍ରରୁ ଲୁହାପଥର ପରିବହନ ହେବ। ଏହି ଡିଭିଜନ ପ୍ରାୟ ୪୦ ମିଲିୟନ୍ ଟନ୍‌ରୁ ଅଧିକ ମାଲ ପରିବହନ କରିବାର କ୍ଷମତା ରଖିଛି ବୋଲି ଜଣାପଡ଼ିଛି।

Baragarh

## ସ୍ୱତନ୍ତ୍ର ସଘନ ସଂଶୋଧନ

ବରଗଡ଼ ଜିଲ୍ଲାରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା– ଏସ୍.ଆଇ.ଆର୍-୨୦୨୬ ସମ୍ପର୍କିତ ସଚେତନତା ଅନୁଷ୍ଠିତ ହେଉଛି। ବୁଥ୍‌ସ୍ତରୀୟ ଅଧିକାରୀ –ବି.ଏଲ୍.ଓ. ମାନେ ଘରକୁ ଘର ବୁଲି ମତଦାତାଙ୍କୁ ପରିଗଣନା ଫର୍ମକୁ ଉପଯୁକ୍ତ ଭାବେ ପୂରଣ କରିବା ପାଇଁ ମାର୍ଗଦର୍ଶନ ଦେଉଛନ୍ତି। ସମସ୍ତ ପୌରାଞ୍ଚଳରେ ଏଲ୍.ଇ.ଡି. ସ୍କ୍ରିନ୍ ମାଧ୍ୟମରେ ସଚେତନତା ମୂଳକ ଭିଡିଓ ଓ ବାର୍ତ୍ତା ପ୍ରଦର୍ଶନ ସହିତ କମ୍ୟୁନିଟି ରେଡିଓ କେନ୍ଦ୍ର ମାଧ୍ୟମରେ ଏସ୍.ଆଇ.ଆର୍ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଛି।

BHK

## ସମବାୟ ସମିତି ମଣ୍ଡି

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ଚାଷୀଙ୍କଠାରୁ ମୁଗ, ବିରି, ସୋରିଷ, ଚିନାବାଦାମ ଓ ସୂର୍ଯ୍ୟମୁଖୀ କିଣିବା ପାଇଁ ସମବାୟ ସମିତିରେ ମଣ୍ଡି ଖୋଲାଯାଇଛି। ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ, ଚାଷୀମାନେ ସେମାନଙ୍କ ଉତ୍ପାଦିତ ଶସ୍ୟ ବିକ୍ରି କରିପାରିବେ। ଚଳିତ ବର୍ଷ

ଡାଲି ଓ ତେଲ ଜାତୀୟ ଶସ୍ୟ ପାଇଁ ୮୦ ଜଣ ଓ ରବି ଧାନ ବିକ୍ରି ପାଇଁ ୮୨ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି।

Ganjam

## ଛତ୍ରପୁର ମହୋତ୍ସବ

ଗଞ୍ଜାମ ଜିଲ୍ଲା ଛତ୍ରପୁର ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇଛି। ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବ ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ ଛତ୍ରପୁର ପୁଲିସ ପକ୍ଷରୁ ଟ୍ରାଫିକ ନିୟମ ଜାରି କରାଯାଇଛି। ଆର୍ଯ୍ୟପଲ୍ଲୀ, କୋଣମଣା ଓ ବାଟଛତ୍ରପୁର ଦେଇ ଆସୁଥିବା ସମସ୍ତ ଦୁଇ ଚକିଆ ଓ ଚାରିଚକିଆ ଯାନଗୁଡ଼ିକ ଡି.ଆର୍.ଡି. ଛକରୁ ସର୍ଭିସ ରୋଡ୍ ଦେଇ ନୂଆବସ୍ ଷ୍ଟାଣ୍ଡରେ ପାର୍କିଂ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି।

HS

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ବିଭିନ୍ନ ସ୍ଥାନରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଗତ ୨୪ ଘଣ୍ଟା ମଧ୍ୟମରେ ନବରଙ୍ଗପୁର ଜିଲ୍ଲା ରାଇଘରରେ ସର୍ବାଧିକ ୨୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୫ ଦିନ ମଧ୍ୟରେ ଦିନର ସର୍ବାଧିକ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।